# ସ୍ତ୍ରୀ ପ୍ରତ୍ୟୟ

| | | |
|---|---|---|
| ବାଳକଃ ଗଣିତଂ କରୋତି । | - | ବାଳିକା ଗୀତଂ ଗାୟତି । |
| ମୃଗଃ ବୃକ୍ଷତଳେ ଶେତେ । | - | ମୃଗୀ ଜଳଂ ପିବତି । |
| ଶିକ୍ଷକଃ ପତ୍ରିକାଂ ପଠତି । | - | ଶିକ୍ଷିକା ଦୂରଦର୍ଶନଂ ପଶ୍ୟତି । |
| ନେତା ଜନାନ୍ ଭାଷତେ । | - | ନେତ୍ରୀ କାର୍ଯ୍ୟାଳୟଂ ଗଚ୍ଛତି । |

ଉପର୍ଯ୍ୟୁକ୍ତ ଉଦାହରଣଗୁଡ଼ିକରେ ରେଖାଙ୍କିତ ପଦଗୁଡ଼ିକୁ ଲକ୍ଷ୍ୟ କର । 'ବାଳକ' ପଦର ସ୍ତ୍ରୀଲିଙ୍ଗରେ 'ବାଳିକା' ରୂପ ହୋଇଛି । ସେହିପରି ମୃଗର ମୃଗୀ, ଶିକ୍ଷକର ଶିକ୍ଷିକା ଓ ନେତାର ନେତ୍ରୀ ସ୍ତ୍ରୀଲିଙ୍ଗରୂପ ଅଟେ । ଏହିପରିଭାବରେ ପୁଂଲିଙ୍ଗବାଚକ ପଦର ସ୍ତ୍ରୀଲିଙ୍ଗରୂପରେ ପରିବର୍ତ୍ତନପାଇଁ ପୁଂଲିଙ୍ଗବାଚକ ପଦରୁ ଉତ୍ତର ଟାପ୍ (ଆ), ଙୀପ୍ ଙୀଷ୍ (ଈ), ଆନୀପ୍ (ଆନୀ) ଓ ଊଙ୍ (ଊ) ପ୍ରତ୍ୟୟ ପ୍ରୟୋଗ କରାଯାଏ । ଯଥା - ମୃଗ + ଙୀପ୍ = ମୃଗୀ, ବାଳକ + ଟାପ୍ = ବାଳିକା ଇତ୍ୟାଦି । ନିମ୍ନଲିଖିତ 'ଟାପ୍' ପ୍ରତ୍ୟୟାନ୍ତ ଉଦାହରଣଗୁଡ଼ିକୁ ଲକ୍ଷ୍ୟ କର-

| | | |
|---|---|---|
| ଅଜ = ଅଜା । | ବୃଦ୍ଧ = ବୃଦ୍ଧା । | ଶୁକ = ଶୁକା । |
| କୋକିଳ = କୋକିଳା । | ବାଳ = ବାଳା । | ଚତୁର = ଚତୁରା । |
| ଅଶ୍ୱ = ଅଶ୍ୱା । | ସୁତ = ସୁତା । | ପ୍ରଥମ = ପ୍ରଥମା । |
| ମୂଷିକ = ମୂଷିକା । | ପୂର୍ବ = ପୂର୍ବା । | ଦ୍ୱିତୀୟ = ଦ୍ୱିତୀୟା । |
| ଶିବ = ଶିବା । | ଚପଳ = ଚପଳା । | ତୃତୀୟ = ତୃତୀୟା । |
| ଛାତ୍ର = ଛାତ୍ରା । | ବସ୍ନ = ବସ୍ନା । | କୃଶ = କୃଶା । |
| ଶିଷ୍ୟ = ଶିଷ୍ୟା । | ଚଟକ = ଚଟକା । | ବୀର = ବୀରା । |
| ସମାନ = ସମାନା । | ଅପର = ଅପରା । | ପାପ = ପାପା । ଇତ୍ୟାଦି । |

ଏହିପରି ଅନ୍ୟ କେତେକ ଉଦାହରଣକୁ ଲକ୍ଷ୍ୟ କର -

| | | |
|---|---|---|
| ଜ୍ୟେଷ୍ଠ = ଜ୍ୟେଷ୍ଠା । | ଗରିଷ୍ଠ = ଗରିଷ୍ଠା । | ଶ୍ରେଷ୍ଠ = ଶ୍ରେଷ୍ଠା । |
| କନିଷ୍ଠ = କନିଷ୍ଠା । | ବରିଷ୍ଠ = ବରିଷ୍ଠା । | ପ୍ରେଷ୍ଠ = ପ୍ରେଷ୍ଠା । |
| ଲଘିଷ୍ଠ = ଲଘିଷ୍ଠା । | ନେଦିଷ୍ଠ = ନେଦିଷ୍ଠା । | ପଟିଷ୍ଠ = ପଟିଷ୍ଠା । ଇତ୍ୟାଦି |

---

| | | |
|---|---|---|
| ଗୁରୁତର = ଗୁରୁତରା । | ଦୀର୍ଘତର = ଦୀର୍ଘତରା । | ପ୍ରିୟତର = ପ୍ରିୟତରା । |
| ଲଘୁତର = ଲଘୁତରା । | ପଟୁତର = ପଟୁତରା । | ଦୂରତର = ଦୂରତରା । |
| କ୍ଷିପ୍ରତର = କ୍ଷିପ୍ରତରା । | ମୃଦୁତର = ମୃଦୁତରା । | ସରଳତର = ସରଳତରା । ଇତ୍ୟାଦି |

---

| | | |
|---|---|---|
| ଗୁରୁତମ = ଗୁରୁତମା । | ବୃଦ୍ଧତମ = ବୃଦ୍ଧତମା । | ଦୀର୍ଘତମ = ଦୀର୍ଘତମା । |
| ଲଘୁତମ = ଲଘୁତମା । | କ୍ଷୁଦ୍ରତମ = କ୍ଷୁଦ୍ରତମା । | ସରଳତମ = ସରଳତମା । |
| ପ୍ରିୟତମ = ପ୍ରିୟତମା । | ବୃହତ୍ତମ = ବୃହତ୍ତମା । | ଯୁବତମ = ଯୁବତମା । ଇତ୍ୟାଦି |

**ମନେରଖ –** ତର, ତମ ଓ ଇଷ୍ଠ ପ୍ରତ୍ୟୟାନ୍ତ ତଦ୍ଧିତପଦର ସ୍ତ୍ରୀଲିଙ୍ଗରୂପ ପାଇଁ ଟାପ୍ (ଆ) ପ୍ରତ୍ୟୟ ଲାଗିଥାଏ।

ଲକ୍ଷ୍ୟ କର –

| | | |
|---|---|---|
| ଗତ = ଗତା। | ପଠିତ = ପଠିତା। | ଜାତ = ଜାତା। |
| ଦୃଷ୍ଟ = ଦୃଷ୍ଟା। | ଲିଖିତ = ଲିଖିତା। | ଦତ୍ତ = ଦତ୍ତା। |
| ନୀତ = ନୀତା। | ଶ୍ରୁତ = ଶ୍ରୁତା। | ହତ = ହତା। ଇତ୍ୟାଦି । |

| | |
|---|---|
| ସେବମାନ = ସେବମାନା। | ବର୍ତ୍ତମାନ = ବର୍ତ୍ତମାନା। |
| ଲଭମାନ = ଲଭମାନା। | ବିଦ୍ୟମାନ = ବିଦ୍ୟମାନା। |
| ଶୟାନ = ଶୟାନା। | ଈକ୍ଷମାଣ = ଈକ୍ଷମାଣା। ଇତ୍ୟାଦି । |

| | |
|---|---|
| ଦ୍ରଷ୍ଟବ୍ୟ = ଦ୍ରଷ୍ଟବ୍ୟା। | ପଠିତବ୍ୟ = ପଠିତବ୍ୟା। |
| ନେତବ୍ୟ = ନେତବ୍ୟା। | ଶ୍ରୋତବ୍ୟ = ଶ୍ରୋତବ୍ୟା। |
| ଦାତବ୍ୟ = ଦାତବ୍ୟା। | ହନ୍ତବ୍ୟ = ହନ୍ତବ୍ୟା। ଇତ୍ୟାଦି । |

| | |
|---|---|
| ପଠନୀୟ = ପଠନୀୟା। | ପାନୀୟ = ପାନୀୟା। |
| ଗ୍ରହଣୀୟ = ଗ୍ରହଣୀୟା। | ଦାନୀୟ = ଦାନୀୟା। |
| ଶ୍ରବଣୀୟ = ଶ୍ରବଣୀୟା। | ସ୍ମରଣୀୟ = ସ୍ମରଣୀୟା ଇତ୍ୟାଦି । |

**ମନେରଖ –** କୃଦନ୍ତର 'କ୍ତ' 'ଶାନଚ୍' 'ତବ୍ୟ' ଓ 'ଅନୀୟ' ପ୍ରତ୍ୟୟାନ୍ତ ପଦରେ 'ଟାପ୍' ପ୍ରତ୍ୟୟ ଲାଗି ସ୍ତ୍ରୀଲିଙ୍ଗ ରୂପ ହୋଇଥାଏ।

ଲକ୍ଷ୍ୟ କର–

| | | |
|---|---|---|
| ସୁକ୍ରୋଡ଼ = ସୁକ୍ରୋଡ଼ା। | ସକେଶ = ସକେଶା। | ମହାଲଲାଟ = ମହାଲଲାଟା। |
| ସୁନଖ = ସୁନଖା। | ଅକେଶ = ଅକେଶା। | ଶୂର୍ପଣଖ = ଶୂର୍ପଣଖା। |
| ସୁମୁଖ = ସୁମୁଖା। | ସନାସିକ = ସନାସିକା। | ଗୌରମୁଖ = ଗୌରମୁଖା। |
| ସୁଭଗ = ସୁଭଗା। | ଚାରୁଶିଖ = ଚାରୁଶିଖା। | କାଳମୁଖ = କାଳମୁଖା ଇତ୍ୟାଦି। |

**ମନେରଖ –** (i) କ୍ରୋଡାଦି ଶବ୍ଦ ଓ ବହୁସ୍ୱରାନ୍ତ ପଦରୁ 'ଟାପ୍' ଲାଗି ସ୍ତ୍ରୀଲିଙ୍ଗପଦ ଗଠିତ ହୁଏ।

(ii) ଅଙ୍ଗବାଚକ ପଦପୂର୍ବରେ ସହ (ସ), ନଞ୍ (ଅ) ଆଦି ଲାଗିଥିଲେ 'ଟାପ୍' ପ୍ରତ୍ୟୟ ଲାଗି ସ୍ତ୍ରୀଲିଙ୍ଗରୂପ ଗଠିତ ହୁଏ।

ଲକ୍ଷ୍ୟ କର –

| | | |
|---|---|---|
| କାରକ = କାରିକା। | ଅଧ୍ୟାପକ = ଅଧ୍ୟାପିକା। | ପାଚକ = ପାଚିକା। |
| ପାଠକ = ପାଠିକା। | ସାଧକ = ସାଧିକା। | ନାୟକ = ନାୟିକା। |
| ଶିକ୍ଷକ = ଶିକ୍ଷିକା। | ଲେଖକ = ଲେଖିକା। | ଗାୟକ = ଗାୟିକା। |
| ମାମକ = ମାମିକା। | ବାଳକ = ବାଳିକା। | ଯାଚକ = ଯାଚିକା। |
| ଦର୍ଶକ = ଦର୍ଶିକା। | ଗ୍ରାହକ = ଗ୍ରାହିକା। | ସେବକ = ସେବିକା ଇତ୍ୟାଦି। |

**ମନେରଖ –** 'ଟାପ୍' ପ୍ରତ୍ୟୟ ହେଲେ ପ୍ରତ୍ୟୟସ୍ଥ 'କ'କାରର ପୂର୍ବବର୍ତ୍ତୀ 'ଅ' କାର ସ୍ଥାନରେ 'ଇ'କାର ହୁଏ। ମାତ୍ର, ନର୍ତ୍ତକ ଶବ୍ଦର ସ୍ତ୍ରୀଲିଙ୍ଗରେ 'ନର୍ତ୍ତକୀ' ହୁଏ।

ଲକ୍ଷ୍ୟ କର – ସୂତକ = ସୂତକା, ସୂତିକା।

ପୁତ୍ତ୍ରକ = ପୁତ୍ତ୍ରକା, ପୁତ୍ତ୍ରିକା।

ବୃନ୍ଦାରକ = ବୃନ୍ଦାରକା, ବୃନ୍ଦାରିକା।

**ମନେରଖ –** ଉପରି ଲିଖିତ କେତେକ 'ଟାପ୍' ପ୍ରତ୍ୟୟାନ୍ତ ପଦର ବିକଳ୍ପ ରୂପ ଥିଲେ ମଧ୍ୟ ଅର୍ଥ ସମାନ ରୁହେ।

ଲକ୍ଷ୍ୟ କର–

ତାରକ = ତାରକା (ନକ୍ଷତ୍ର), ତାରିକା (ରକ୍ଷାକାରିଣୀ)।

ବର୍ଣ୍ଣକ = ବର୍ଣ୍ଣକା (ଉତ୍ତରୀୟ), ବର୍ଣ୍ଣିକା (ସ୍ତୋତ୍ରକାରିଣୀ) (ରଙ୍ଗତୂଳିକା)।

ବର୍ତ୍ତକ = ବର୍ତ୍ତକା (ମାଈବତକ), ବର୍ତ୍ତିକା (ବଳିତା)।

ମନେରଖ – 'ଟାପ୍' ପ୍ରତ୍ୟୟାନ୍ତ ପଦର ଦୁଇଟି ଭିନ୍ନରୂପ ଭିନ୍ନଅର୍ଥ ମଧ୍ୟ ପ୍ରକାଶ କରିଥାଏ।

ଏହିପରି କେତେକ 'ଙୀପ୍' ଓ 'ଙୀଷ୍' ପ୍ରତ୍ୟୟାନ୍ତ ପଦକୁ ଲକ୍ଷ୍ୟ କର– ଏହାର ଶେଷରେ 'ଈ' କାର ଯୋଗ କରାଯାଇଛି ।

| | | |
|---|---|---|
| ନଦ = ନଦୀ। | କାକ = କାକୀ। | ନଟ = ନଟୀ। |
| ଗୌର = ଗୌରୀ। | ବ୍ୟାଘ୍ର = ବ୍ୟାଘ୍ରୀ। | କୁମାର = କୁମାରୀ। |
| ମୃଗ = ମୃଗୀ। | ଦେବ = ଦେବୀ। | ତରୁଣ = ତରୁଣୀ। |
| ସିଂହ = ସିଂହୀ। | ଘୋଟକ = ଘୋଟକୀ। | ସୁନ୍ଦର = ସୁନ୍ଦରୀ। |
| ହୟ = ହୟୀ। | ଈଶ୍ୱର = ଈଶ୍ୱରୀ। | ଖନକ = ଖନକୀ। |
| ନୃ, ନର = ନାରୀ। | ଗବୟ = ଗବୟୀ। | ରଜକ = ରଜକୀ। |
| ପିତାମହ = ପିତାମହୀ। | ତାଦୃଶ = ତାଦୃଶୀ। | ଈଦୃଶ = ଈଦୃଶୀ। |
| ମାତାମହ = ମାତାମହୀ। | ଯାଦୃଶ = ଯାଦୃଶୀ। | କୀଦୃଶ = କୀଦୃଶୀ। |
| ଧାର୍ମିକ = ଧାର୍ମିକୀ। | ମାନୁଷ = ମାନୁଷୀ। | ମାନବ = ମାନବୀ। |

କିନ୍ତୁ, ମନୁଷ୍ୟ = ମନୁଷୀ।, ମତ୍ସ୍ୟ = ମତ୍ସୀ।

**ମନେରଖ –** ମନୁଷ୍ୟ ଓ ମତ୍ସ୍ୟଶବ୍ଦରୁ ସ୍ତ୍ରୀଲିଙ୍ଗରେ 'ଯ' ଲୋପ ପାଏ।

| | |
|---|---|
| ଲକ୍ଷ୍ୟ କର – ବୁଦ୍ଧିମତ୍ = ବୁଦ୍ଧିମତୀ। | ବଳବତ୍ = ବଳବତୀ। |
| ଶ୍ରୀମତ୍ = ଶ୍ରୀମତୀ। | ବେଗବତ୍ = ବେଗବତୀ। |
| ଧୀମତ୍ = ଧୀମତୀ। | ରୂପବତ୍ = ରୂପବତୀ। |
| ଗୁଣବତ୍ = ଗୁଣବତୀ। | ଲକ୍ଷ୍ମୀବତ୍ = ଲକ୍ଷ୍ମୀବତୀ। |
| ଧନବତ୍ = ଧନବତୀ। | ଆୟୁଷ୍ମତ୍ = ଆୟୁଷ୍ମତୀ। |

'ମତୁପ୍' ପ୍ରତ୍ୟୟାନ୍ତ ପଦରେ 'ଙୀପ୍' ଲଗାଇ ସ୍ତ୍ରୀଲିଙ୍ଗରୂପ ଗଠିତ ହୁଏ।

ଧନିନ୍ = ଧନିନୀ।

ତେଜସ୍ୱିନ୍ = ତେଜସ୍ୱିନୀ।

ଯଶସ୍ୱିନ୍ = ଯଶସ୍ୱିନୀ।

ମନ୍ତ୍ରିନ୍ = ମନ୍ତ୍ରିଣୀ।

ମନସ୍ୱିନ୍ = ମନସ୍ୱିନୀ।

ବାଗ୍ମିନ୍ = ବାଗ୍ମିନୀ।

ଜ୍ଞାନିନ୍ = ଜ୍ଞାନିନୀ।

ତପସ୍ୱିନ୍ = ତପସ୍ୱିନୀ।

ମାନିନ୍ = ମାନିନୀ।

ସ୍ରୋତସ୍ୱିନ୍ = ସ୍ରୋତସ୍ୱିନୀ।

ଅହଙ୍କାରିନ୍ = ଅହଙ୍କାରିଣୀ।

ପୟସ୍ୱିନ୍ = ପୟସ୍ୱିନୀ।

**ମନେରଖ –** ତଦ୍ଧିତ 'ଇନ୍' 'ମିନ୍' ଓ 'ବିନ୍' ପ୍ରତ୍ୟୟାନ୍ତ ପଦରୁ ଉତ୍ତର 'ଙୀପ୍' ଲାଗି ସ୍ତ୍ରୀଲିଙ୍ଗରୂପ ଗଠିତ ହୁଏ।

ଗତବତ୍ = ଗତବତୀ।

ଦଣ୍ଡବତ୍ = ଦଣ୍ଡବତୀ।

ପଠିତବତ୍ = ପଠିତବତୀ

ଦୃଷ୍ଟବତ୍ = ଦୃଷ୍ଟବତୀ।

ହତବତ୍ = ହତବତୀ।

ଜିତବତ୍ = ଜିତବତୀ।

ନୀତବତ୍ = ନୀତବତୀ।

ଜ୍ଞାତବତ୍ = ଜ୍ଞାତବତୀ।

ପୀତବତ୍ = ପୀତବତୀ।

ମନେରଖ – କୃଦନ୍ତ 'କ୍ତବତୁ' ପ୍ରତ୍ୟୟାନ୍ତ ପଦରୁ ଉତ୍ତର 'ଙୀପ୍' ଲାଗି ସ୍ତ୍ରୀଲିଙ୍ଗ ରୂପ ଗଠିତ ହୁଏ।

ମହୀୟସ୍ = ମହୀୟସୀ।

ଜ୍ୟାୟସ୍ = ଜ୍ୟାୟସୀ।

କନୀୟସ୍ = କନୀୟସୀ

ଗରୀୟସ୍ = ଗରୀୟସୀ।

ବର୍ଷୀୟସ୍ = ବର୍ଷୀୟସୀ।

ପ୍ରେୟସ୍ = ପ୍ରେୟସୀ

ଲଘୀୟସ୍ = ଲଘୀୟସୀ।

ପଟୀୟସ୍ = ପଟୀୟସୀ।

ଶ୍ରେୟସ୍ = ଶ୍ରେୟସୀ।

**ମନେରଖ-** "ଈୟସୁନ୍" ପ୍ରତ୍ୟୟାନ୍ତ ପଦରୁ ଉତ୍ତର 'ଙୀପ୍' ପ୍ରତ୍ୟୟ ଲାଗି ସ୍ତ୍ରୀଲିଙ୍ଗରୂପ ଗଠିତ ହୁଏ।

ଲକ୍ଷ୍ୟ କର-

ଗଚ୍ଛତ = ଗଚ୍ଛନ୍ତୀ।

ସତ୍ = ସତୀ।

ପଠତ୍ = ପଠନ୍ତୀ।

ଭବତ୍ = ଭବନ୍ତୀ।

ପଶ୍ୟତ୍ = ପଶ୍ୟନ୍ତୀ।

ବିଭ୍ୟତ୍ = ବିଭ୍ୟତୀ।

ପିବତ୍ = ପିବନ୍ତୀ।

କୁର୍ବତ୍ = କୁର୍ବତୀ।

ତିଷ୍ଠତ୍ = ତିଷ୍ଠନ୍ତୀ।

ଶାସତ୍ = ଶାସତୀ।

କୃଦନ୍ତ 'ଶତୃ' ପ୍ରତ୍ୟୟାନ୍ତ ପଦପରେ 'ଙୀପ୍' ପ୍ରତ୍ୟୟ ଲାଗି ସ୍ତ୍ରୀଲିଙ୍ଗରୂପ ଗଠିତ ହୁଏ।

ପ୍ରାଚ୍ = ପ୍ରାଚୀ, ପ୍ରାଞ୍ଚୀ।

ଉଦଚ୍ = ଉଦୀଚୀ, ଉଦଞ୍ଚୀ।

ପ୍ରତ୍ୟଚ୍ = ପ୍ରତୀଚୀ, ପ୍ରତ୍ୟଞ୍ଚୀ।

ଅବାଚ୍ = ଅପାଚୀ, ଅବାଞ୍ଚୀ।

ଦିଗ୍‌ବାଚକ ଶବ୍ଦରୁ ଉତ୍ତର 'ଙୀପ୍' ଲାଗି ସ୍ତ୍ରୀଲିଙ୍ଗରୂପ ଗଠିତ ହୁଏ ।

ଦାତୃ = ଦାତ୍ରୀ।

ବିଧାତୃ = ବିଧାତ୍ରୀ।

ଶିକ୍ଷୟିତୃ = ଶିକ୍ଷୟିତ୍ରୀ।

ନେତୃ = ନେତ୍ରୀ।

ସବିତୃ = ସବିତ୍ରୀ।

ଦ୍ରଷ୍ଟୃ = ଦ୍ରଷ୍ଟ୍ରୀ।

କର୍ତ୍ତୃ = କର୍ତ୍ତ୍ରୀ।

ଶ୍ରୋତୃ = ଶ୍ରୋତ୍ରୀ।

ହର୍ତ୍ତୃ = ହର୍ତ୍ତ୍ରୀ।

ଭର୍ତ୍ତୃ = ଭର୍ତ୍ତ୍ରୀ।

ଜନୟିତୃ = ଜନୟିତ୍ରୀ।

ନପ୍ତୃ = ନପ୍ତ୍ରୀ।

"ଋକାରାନ୍ତ" ପଦଶେଷରେ 'ଙୀପ୍' ଲାଗି ସ୍ତ୍ରୀଲିଙ୍ଗରୂପ ଗଠିତ ହୁଏ।

ଅଗ୍ନି = ଅଗ୍ନାୟୀ।

ବୃଷାକପି = ବୃଷାକପାୟୀ।

କୁସୀଦ = କୁସୀଦାୟୀ (ସୁଧଖୋର ବ୍ୟକ୍ତିର ସ୍ତ୍ରୀ) / କୁସୀଦା (ସୁଧଖୋର ସ୍ତ୍ରୀ)

**ମନେରଖ –** କେତେକ ପଦଶେଷରେ 'ଙୀପ୍' ପ୍ରତ୍ୟୟଲାଗି ସ୍ତ୍ରୀଲିଙ୍ଗରୂପ ଗଠିତ ହେବା ସମୟରେ ପଦାନ୍ତ 'ଇ' ବର୍ଣ୍ଣର ବୃଦ୍ଧି ହୋଇ 'ଐ' ହେବାପରେ ତାହା ସ୍ଥାନରେ "ଆୟ୍" ହୋଇଥାଏ।

ଲକ୍ଷ୍ୟକର – ପତି = ପତ୍ନୀ, ପତିଃ (ମାଲିକାଣୀ) । ରାଷ୍ଟ୍ରପତି = ରାଷ୍ଟ୍ରପତିଃ।

ସଭାପତି = ସଭାପତିଃ । ସେନାପତି = ସେନାପତିଃ।

**ମନେରଖ –** ଯଜ୍ଞର ଫଳଭାଗିତ୍ୱ ବୁଝାଇଲେ 'ପତି' ଶବ୍ଦର ସ୍ତ୍ରୀଲିଙ୍ଗରେ 'ପତ୍ନୀ' ହୁଏ। ଅନ୍ୟତ୍ର ହୁଏ ନାହିଁ।

ମୁନି = ମୁନୀ, ମୁନିଃ। ସାରଥି = ସାରଥୀ, ସାରଥିଃ।

ସଖି = ସଖୀ, ସଖିଃ। ଅତିଥି = ଅତିଥୀ, ଅତିଥିଃ।

କପି = କପୀ, କପିଃ। ଅହି = ଅହୀ, ଅହିଃ।

**ମନେରଖ –** 'ଇ'କାରାନ୍ତ ପଦରୁ ଉତ୍ତର 'ଙୀପ୍' ଲାଗି ସ୍ତ୍ରୀଲିଙ୍ଗରେ ଦୀର୍ଘ ହୋଇଯାଏ।

ଲକ୍ଷ୍ୟକର –

କ୍ଷତ୍ରିୟ – { କ୍ଷତ୍ରିୟା। (କ୍ଷତ୍ରିୟଜାତୀୟା ସ୍ତ୍ରୀ)
କ୍ଷତ୍ରିୟୀ। (କ୍ଷତ୍ରିୟସ୍ୟ ସ୍ତ୍ରୀ)

ବୈଶ୍ୟ – { ବୈଶ୍ୟା। (ବୈଶ୍ୟଜାତୀୟା ସ୍ତ୍ରୀ)
ବୈଶ୍ୟୀ। (ବୈଶ୍ୟସ୍ୟ ସ୍ତ୍ରୀ)

ଶୂଦ୍ର – { ଶୂଦ୍ରା। (ଶୂଦ୍ରଜାତୀୟା ସ୍ତ୍ରୀ)
ଶୂଦ୍ରୀ। (ଶୂଦ୍ରସ୍ୟ ସ୍ତ୍ରୀ)

ଗୋପ – { ଗୋପା। (ଗୋପଜାତୀୟା ସ୍ତ୍ରୀ)
ଗୋପୀ। (ଗୋପସ୍ୟ ସ୍ତ୍ରୀ)

**ମନେରଖ –** ମନୁଷ୍ୟର ଜାତି ବୁଝାଇଲେ ଉଭୟ ଟାପ୍ (ଆ) ଓ ଙୀପ୍ (ଈ) ପ୍ରତ୍ୟୟ ହୁଏ, ମାତ୍ର ଅର୍ଥ ବଦଳିଯାଏ। 'ବ୍ରାହ୍ମଣ' ଶବ୍ଦର ସ୍ତ୍ରୀଲିଙ୍ଗରେ 'ବ୍ରାହ୍ମଣୀ' ହୁଏ, ମାତ୍ର 'ବ୍ରହ୍ମନ୍' ଶବ୍ଦର 'ବ୍ରହ୍ମାଣୀ' ହୁଏ।

ଦେଖ – ମୃଦୁ = ମୃଦୁଃ, ମୃଦ୍ୱୀ। ଗୁରୁ = ଗୁରୁଃ, ଗୁର୍ବୀ।

ପଟୁ = ପଟୁଃ, ପଟ୍ୱୀ। ଲଘୁ = ଲଘୁଃ, ଲଘ୍ୱୀ।

ତନୁ = ତନୁଃ, ତନ୍ୱୀ। ସାଧୁ = ସାଧୁଃ, ସାଧ୍ୱୀ।

**ମନେରଖ –** ଉକାରାନ୍ତ ପଦପରେ ବିକଳ୍ପରେ 'ଙୀପ୍' ପ୍ରତ୍ୟୟ ଲାଗି ସ୍ତ୍ରୀଲିଙ୍ଗରୂପ ଗଠିତ ହୁଏ।

ଲକ୍ଷ୍ୟ କର -

ଇନ୍ଦ୍ର = ଇନ୍ଦ୍ରାଣୀ। ଭବ = ଭବାନୀ।

ଶର୍ବ = ଶର୍ବାଣୀ। ବରୁଣ = ବରୁଣାନୀ।

ରୁଦ୍ର = ରୁଦ୍ରାଣୀ। ମୃଡ଼ = ମୃଡ଼ାନୀ।

**ମନେରଖ -** ଇନ୍ଦ୍ରାଦି କେତେକ ଦେବବାଚକ ପଦରୁ ଉତ୍ତର ଆନୀପ୍ (ଆନୀ) ପ୍ରତ୍ୟୟ ଲାଗି ସ୍ତ୍ରୀଲିଙ୍ଗରୂପ ଗଠିତ ହୁଏ।

ସେହିପରି- ଯବ = ଯବାନୀ। (ଦୁଷ୍ଟଃ ଯବଃ)

ଯବନ = { ଯବନୀ। (ଯବନସ୍ୟ ସ୍ତ୍ରୀ)<br>ଯବନାନୀ। (ଯବନାନାଂ ଲିପିଃ)

ହିମ = { ହିମାନୀ। (ମହତ୍ ହିମମ୍)

ଅରଣ୍ୟ = { ଅରଣ୍ୟାନୀ। (ମହତ୍ ଅରଣ୍ୟମ୍)

କେତେକ 'ଆନୀପ୍' ପ୍ରତ୍ୟୟାନ୍ତ ପଦ ସ୍ତ୍ରୀଲିଙ୍ଗର ହୋଇଥିଲେ ମଧ୍ୟ ଅର୍ଥପରିବର୍ତ୍ତନ ହୋଇଥାଏ।

ଉପାଧ୍ୟାୟ = ଉପାଧ୍ୟାୟା। (ସ୍ୱୟଂ ଶିକ୍ଷୟିତ୍ରୀ)<br>ଉପାଧ୍ୟାୟୀ / ଉପାଧ୍ୟାୟାନୀ। (ଉପାଧ୍ୟାୟସ୍ୟ ସ୍ତ୍ରୀ)

ଆଚାର୍ଯ୍ୟ = { ଆଚାର୍ଯ୍ୟା। (ସ୍ୱୟମ୍ ଅଧ୍ୟାପିକା)<br>ଆଚାର୍ଯ୍ୟାନୀ। (ଆଚାର୍ଯ୍ୟସ୍ୟ ସ୍ତ୍ରୀ)

ପାଣିଗୃହୀତ = { ପାଣିଗୃହୀତା। (ରକ୍ଷିତା ସ୍ତ୍ରୀ)<br>ପାଣିଗୃହୀତୀ। (ବିବାହିତା ସ୍ତ୍ରୀ)

ସୂର୍ଯ୍ୟ = { ସୂର୍ଯ୍ୟା। (ସୂର୍ଯ୍ୟସ୍ୟ ଦେବୀ ସ୍ତ୍ରୀ)<br>ସୂରୀ। (ସୂର୍ଯ୍ୟସ୍ୟ ମାନବୀ ସ୍ତ୍ରୀ)

ସ୍ଥଳ = { ସ୍ଥଳା। (କୃତ୍ରିମା ଭୂମିଃ)<br>ସ୍ଥଳୀ। (ଅକୃତ୍ରିମା ଭୂମିଃ)

ନିମ୍ନଲିଖିତ ପଦଗୁଡ଼ିକର ସ୍ତ୍ରୀଲିଙ୍ଗ ରୂପ ଭିନ୍ନ ପ୍ରକାର ହୋଇଥାଏ।

ଲକ୍ଷ୍ୟ କର -

ଶ୍ୱଶୁର = ଶ୍ୱଶ୍ରୂଃ।

ପିତା = ମାତା।

ପୁତ୍ର = ପୁତ୍ରୀ।

ଶ୍ୱନ୍ = ଶୁନୀ।

ମଘବତ୍ = ମଘୋନୀ / ମଘବତୀ।

ଯୁବତ୍ = ଯୁବତୀ

ଯୁବନ୍ = ଯୁବତିଃ/ଯୂନୀ ।

ଭବତୁ(ଭବତ୍) = ଭବତୀ

ମାତୁଳ = ମାତୁଳୀ / ମାତୁଳାନୀ / ମାତୁଳା

ରାଜନ୍ = ରାଜ୍ଞୀ ।

ସମ୍ରାଜ୍ = ସମ୍ରାଜୀ ।

ମହାରାଜ = ମହାରାଜୀ ।

ପତିବତ୍ = { ପତିବତ୍ନୀ (ସଧବା ନାରୀ)<br>ପତିମତୀ (ପ୍ରଭୁଯୁକ୍ତା ଭୃତ୍ୟା / ଧରଣୀ) }

ମନୁ = ମନାୟୀ / ମନାବୀ / ମନୁଃ ।

ସଂଖ୍ୟାବାଚକ ଓ ସର୍ବନାମଶବ୍ଦ ଗୁଡ଼ିକର ମଧ୍ୟ ସ୍ତ୍ରୀଲିଙ୍ଗରୂପ ହୁଏ-

| | | |
|---|---|---|
| ଏକ (ଏକଃ) = ଏକା । | ଇଦମ୍ (ଅୟମ୍) = ଇୟମ୍ । | କିମ୍ (କଃ) = କା । |
| ଦ୍ୱି (ଦ୍ୱୌ) = ଦ୍ୱେ । | ତଦ୍ (ସଃ) = ସା । | ସର୍ବ = ସର୍ବା । |
| ତ୍ରି (ତ୍ରୟଃ) = ତିସ୍ରଃ । | ଏତଦ୍ (ଏଷଃ) = ଏଷା । | ବିଶ୍ୱ = ବିଶ୍ୱା । |
| ଚତୁର (ଚ୍ୱତାରଃ ) = ଚତସ୍ରଃ । | ଯଦ୍ (ଯଃ) = ଯା । | ସମ = ସମା । ଇତ୍ୟାଦି । |

**ମନେରଖ -** (i) କେତେକ ଦ୍ୱିଗୁ ସମାସନିଷ୍ପନ୍ନ ପ୍ରାତିପଦିକରୁ ଙୀପ୍ (ଈ) ପ୍ରତ୍ୟୟ ହୋଇଥାଏ । ଯଥା - ତ୍ରିଲୋକୀ, ଅଷ୍ଟାଧ୍ୟାୟୀ, ସପ୍ତଶତୀ ଇତ୍ୟାଦି ।

(ii) 'ଅନ୍ତର୍ବତ୍' ପଦରୁ ଉତ୍ତର 'ଙୀପ୍' ପ୍ରତ୍ୟୟ ଲାଗି 'ଅନ୍ତର୍ବତ୍ନୀ' (ଗର୍ଭବତୀ ନାରୀ) ହୋଇଥାଏ ।

(iii) ପତିପଦ ଲାଗିଥିବା ସମସ୍ତପଦ ବହୁବ୍ରୀହିସମାସରେ 'ଙୀପ୍' ଲାଗି ସ୍ତ୍ରୀଲିଙ୍ଗ ହୋଇଥାଏ । ଯଥା - ସପତ୍ନୀ (ସମାନଃ ପତିଃ ଯସ୍ୟାଃ) ଏକପତ୍ନୀ (ଏକଃ ପତିଃ ଯସ୍ୟାଃ) ଓ ବୀରପତ୍ନୀ (ବୀରଃ ପତିଃ ଯସ୍ୟାଃ) ଇତ୍ୟାଦି ।

**ସ୍ତ୍ରୀଲିଙ୍ଗରେ 'ଙୀପ୍' ଓ 'ଙୀଷ୍' ପ୍ରତ୍ୟୟ ବ୍ୟାକରଣଶାସ୍ତ୍ର ଅନୁସାରେ ଭିନ୍ନ ଭିନ୍ନ ଶବ୍ଦରେ ଯୋଗ କରାଯାଏ ମାତ୍ର କୋମଳମତି ଛାତ୍ରଙ୍କ ପାଇଁ ତାହାକୁ କେବଳ 'ଙୀପ୍' (ଈ) ଆକାରରେ ଏହି ପୁସ୍ତକରେ ସନ୍ନିବେଶିତ କରାଯାଇଛି ।**

## ଅଭ୍ୟାସ

**୧ । ସ୍ତ୍ରୀପ୍ରତ୍ୟୟାନ୍ତରୂପାଣି ଲିଖତ -**

ଅଜ, ବ୍ୟାଘ୍ର, ଶ୍ୱନ୍, ଶ୍ୱଶୁର, ପିତୃ, ମାତାମହ, ତଦ୍, ମେଷ, ସ୍ଥବିର, ସେବକ, ନର୍ତ୍ତକ, ପାପ, ଗତ, କର୍ତ୍ତବ୍ୟ, ଗୁରୁତର, ପ୍ରେଷ୍ଠ, ଜ୍ୟାୟସ୍, ପଠିତବତ୍ ।

**୨ । ଏକପଦେନ ଅର୍ଥଂ ପ୍ରକାଶୟତ -**

କୃତ୍ରିମା ଭୂମିଃ, ଇନ୍ଦ୍ରସ୍ୟ ଜାୟା, ଶିବସ୍ୟ ପତ୍ନୀ, ଗୋପଜାତୀୟା ସ୍ତ୍ରୀ, ଲେଖକସ୍ୟ ସ୍ତ୍ରୀପ୍ରତ୍ୟୟେ ରୂପମ୍, ଚଟକସ୍ୟ ସ୍ତ୍ରୀ, ବିଦୁଷଃ ସ୍ତ୍ରୀଲିଙ୍ଗେ ରୂପମ୍, ତାରୟତି ଯା, କରୋତି ଯା, ପଶ୍ଚିମା ଦିକ୍ ।

**୩ । ସ୍ତମ୍ଭମେଳନଂ କୁରୁତ -**

| **'କ' ସ୍ତମ୍ଭଃ** | **'ଖ' ସ୍ତମ୍ଭଃ** |
|---|---|
| ରାଜ୍ଞଃ ପତ୍ନୀ | ଯବନାନୀ |
| ରକ୍ଷିତା ସ୍ତ୍ରୀ | ପଠନ୍ତୀ |
| ସଧବା ନାରୀ | ବର୍ତ୍ତମାନା |
| ପଠତି ଯା | ଆର୍ଯ୍ୟା |
| ବର୍ତ୍ତତେ ଯା | ରାଜ୍ଞୀ |
| କୁମ୍ଭକାରସ୍ୟ ସ୍ତ୍ରୀ | ପ୍ରାଚୀ |
| ପୂର୍ବା ଦିକ୍ | ପାଣିଗୃହୀତା |
| ମହତ୍ ଅରଣ୍ୟମ୍ | ଦେବୀ |
| ଯବନାନାଂ ଲିପିଃ | ମଘୋନୀ |
| ଦେବସ୍ୟ ସ୍ତ୍ରୀ | ପତିବତ୍ନୀ |
| ମଘୋନଃ ସ୍ତ୍ରୀ | କୁମ୍ଭକାରୀ |
| ସ୍ୱୟଂ ବ୍ୟାଖ୍ୟାତ୍ରୀ | ଅରଣ୍ୟାନୀ |

**୪ । ଅର୍ଥଭେଦଂ ପ୍ରକାଶୟତ -**

ଉପାଧ୍ୟାୟା - ଉପାଧ୍ୟାୟାନୀ, ବର୍ତ୍ତକା - ବର୍ତ୍ତିକା, ବ୍ରହ୍ମାଣୀ - ବ୍ରାହ୍ମଣୀ, ଶୂଦ୍ରୀ - ଶୂଦ୍ରା, ପାଣିଗୃହୀତା - ପାଣିଗୃହୀତୀ, ପତିମତୀ - ପତିବତ୍ନୀ, ସୂର୍ଯ୍ୟା - ସୂରୀ, ସ୍ଥଳା - ସ୍ଥଳୀ ।

**୫ । ବନ୍ଧନୀମଧ୍ୟାତ୍ ଉପଯୁକ୍ତପଦେନ ଶୂନ୍ୟସ୍ଥାନଂ ପୂରୟତ -**

(କ) ଆକାଶେ ________ ଶୋଭନ୍ତେ । (ତାରକାଃ / ତାରିକାଃ)

(ଖ) ________ ଛାତ୍ରାନ୍ ପାଠୟତି । (ଉପାଧ୍ୟାୟା / ଉପାଧ୍ୟାୟାନୀ)

(ଗ) ସୀତା ରାମସ୍ୟ ________ ଆସୀତ୍ । (ପାଣିଗୃହୀତା / ପାଣିଗୃହୀତୀ)

(ଘ) ________ ପତିସେବାଂ କୁରୁତେ । (ପତିମତୀ / ପତିବତ୍ନୀ)

(ଙ) ଦ୍ରୌପଦୀ ________ ଆସୀତ୍‌। (ପଞ୍ଚପତ୍ନୀ / ପଞ୍ଚପତିଃ)

(ଚ) ଅହଂ ________ ପଠିତୁଂ ଶକ୍ନୋମି। (ଯବନୀଂ / ଯବନାନୀମ୍)

(ଛ) ଦେବୀଗଡ଼ସ୍ୟ ପ୍ରଧାନପାଟଃ ________ ଭବତି। (ସ୍ଥଳା / ସ୍ଥଳୀ)

(ଜ) କୁନ୍ତୀ ________ ଇତି ନାମ୍ନା ପରିଚିତା। (ସୂରୀ / ସୂର୍ଯ୍ୟା)

(ଝ) ବିଶ୍ୱବାରା ________ ଆସୀତ୍‌। (ଆର୍ଯ୍ୟା / ଆର୍ଯ୍ୟାନୀ)

(ଞ) ଭକ୍ତାଃ ________ ପୂଜୟନ୍ତି। (ବ୍ରହ୍ମାଣୀମ୍ / ବ୍ରାହ୍ମଣୀମ୍)

**୬। ବନ୍ଧନୀମଧ୍ୟାତ୍ ଶୁଦ୍ଧମ୍ ଉତ୍ତରଂ ନିରୂପୟତ-**

(କ) ଅଗ୍ନେଃ ଜାୟା ----। (ଅଗ୍ନୀ, ଅଗ୍ନିଃ, ଅଗ୍ନାୟୀ)

(ଖ) ଅକୃତ୍ରିମା ଭୂମିଃ ----। (ସ୍ଥଳମ୍, ସ୍ଥଳା, ସ୍ଥଳୀ)

(ଗ) ଶ୍ୱଶୁରସ୍ୟ ପତ୍ନୀ ---। (ଶ୍ୱଶ୍ରୂଃ, ଶାଶ୍ରୁଃ, ଶ୍ୱଶୁରୀ)

(ଘ) ସେବତେ ଯା ----। (ସେବନ୍ତୀ, ସେବତୀ, ସେବମାନା)

(ଙ) ଶିକ୍ଷକସ୍ୟ ସ୍ତ୍ରୀଲିଙ୍ଗେ ରୂପମ୍ ----। (ଶିକ୍ଷକୀ, ଶିକ୍ଷିକା, ଶିକ୍ଷୟିତ୍ରୀ)

(ଚ) ସୈରସ୍ୟ ସ୍ତ୍ରୀପ୍ରତ୍ୟୟେ ରୂପମ୍ ----। (ସୈରା, ସୈରୀ, ସୈରାଣୀ)

(ଛ) ବରୁଣସ୍ୟ ସ୍ତ୍ରୀ -----। (ବରୁଣୀ, ବରୁଣା, ବରୁଣାନୀ)

(ଜ) ମାତୁଃ ମାତା ----। (ମାତାମହୀ, ମାତୃକା, ମାତ୍ରୀ)

(ଝ) ଭବତି ଯା ----। (ଭବତୀ, ଭବାନୀ, ଭବନ୍ତୀ)

(ଞ) ବୀରଃ ପତିଃ ଯସ୍ୟାଃ -----। (ବୀରା, ବୀରପତ୍ନୀ, ବୀରପତିଃ)

**୭। ରେଖାଙ୍କିତପଦାନାଂ ଭ୍ରମସଂଶୋଧନଂ କୁରୁତ -**

(କ) <u>ଦିଗମ୍ବରୀଂ</u> ନମାମି।

(ଖ) <u>ଭବନ୍ତି</u>! ଭିକ୍ଷାଂ ଦେହି।

(ଗ) <u>ବାଳୀ</u> ଖେଳତି ପ୍ରାନ୍ତରେ।

(ଘ) <u>ଅକେଶୀ</u> ବାଳା ନୃତ୍ୟତି।

(ଙ) ପାର୍ବତୀ <u>ଶିବାନୀ</u> ଇତି ଉଚ୍ୟତେ।

(ଚ) ସ୍କନ୍ଧେ <u>ବର୍ତ୍ତିକା</u> ଶୋଭତେ।

(ଛ) ମମ ଜନନୀ <u>ସଭାନେତ୍ରୀ</u> ଆସୀତ୍‌।

(ଜ) ଛାୟାଦେବୀ <u>ସୂରୀ</u> ଭବତି।

(ଝ) <u>ପ୍ରତୀଚ୍ୟାଂ</u> ସୂର୍ଯ୍ୟଃ ଉଦେତି।

(ଞ) <u>ବିଦ୍ୱାନୀ</u> ଗୀତାଂ ପଠତି।

●